# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 March – 2026**

---

## ବର୍ଜ୍ୟବସ୍ତୁ ବିଶୋଧନ

ବର୍ଜ୍ୟବସ୍ତୁ ବିଶୋଧନ ପାଇଁ ରାଜ୍ୟରେ ୨୭୬ଟି ମାଇକ୍ରୋ କମ୍ପୋଷ୍ଟିଙ୍ଗ୍ କେନ୍ଦ୍ର ଏବଂ ୨୩୫ଟି ମାଟେରିଆଲ ରିକଭରି ଫାସିଲିଟି ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇଛି ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ବିଧାନସଭାରେ ଗତକାଲି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଡକ୍ଟର ମହାପାତ୍ର କହିଛନ୍ତି, ସହରାଞ୍ଚଳରୁ ସଂଗୃହୀତ ଓଦା ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଇ ଜୈବିକ ଖତ ପ୍ରସ୍ତୁତ କରାଯାଉଛି ।

## ହାତୀ ମୃତ୍ୟୁ

ରାଜ୍ୟରେ ହାତୀ ମୃତ୍ୟୁକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ବିଧାନସଭାରେ ଗତକାଲି ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି, ଗତ ତିନିବର୍ଷରେ ରାଜ୍ୟରେ ବିଭିନ୍ନ କାରଣରୁ ମୋଟ ୩୪୪ଟି ହାତୀଙ୍କର ମୃତ୍ୟୁ ହୋଇଛି । ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୫୩ଟି ହାତୀଙ୍କର ମୃତ୍ୟୁ ହୋଇଥିବା ସେ କହିଛନ୍ତି ।

# ଶକ୍ତି ଆଲୋଚନା

ସମୃଦ୍ଧ ଓଡିଶା ଏବଂ ବିକଶିତ ଭାରତ ଲକ୍ଷ୍ୟ ପୂରଣ ନେଇ ନବୀକରଣୀୟ ଶକ୍ତି କ୍ଷେତ୍ରରେ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେବଙ୍କ ସହ ଟୋନିବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ ଫର ଗ୍ଲୋବାଲ ଚେଞ୍ଜର ବିଶ୍ୱ ଶକ୍ତି ଦଳ ଆଲୋଚନା କରିଛନ୍ତି । ରାଜ୍ୟରେ ଶକ୍ତି କ୍ଷେତ୍ରର ପ୍ରାଥମିକତା ଏବଂ ସମ୍ଭାବନା ଉପରେ ବୈଠକରେ ଭବିଷ୍ୟତ କାର୍ଯ୍ୟ ପନ୍ଥା ନେଇ ମତବିନିମୟ ହୋଇଛି ।

# ଅଗ୍ନି ନିରାପତ୍ତା ସମୀକ୍ଷା

ରାଜ୍ୟର ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନା ଗୁଡିକରେ ଅଗ୍ନି ନିରାପତ୍ତା ସୂଚନା ସମ୍ପର୍କୀତ ପଦକ୍ଷେପରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ନୋଡାଲ ଅଧିକାରୀଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । କଟକ ଏସସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ସମୀକ୍ଷା ବୈଠକରୁ ଏହି ନିଷ୍ପତ୍ତି ନିଆଯାଇଛି । ସବୁ ଡାକ୍ତରଖାନା ଓ କାର୍ଯ୍ୟାଳୟ ଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସୁଦୃଢୀକରଣ ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

# ଯୁଗ୍ମ ବୈଠକ

ପୁରୀ ଶ୍ରୀମନ୍ଦିର ସାଂସ୍କୃତିକ ଓ ବୈଷୟିକ ପ୍ରକଳ୍ପ ସବ୍‌କମିଟିର ଯୁଗ୍ମ ବୈଠକ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହେବ । ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରାଯିବା ସହିତ ନୂତନ ପ୍ରକଳ୍ପଗୁଡିକର ରୂପରେଖ ପ୍ରସ୍ତୁତ କରାଯିବ । ଆସନ୍ତା ୨୫ତାରିଖରୁ ଆରମ୍ଭ ହେବାକୁ ଥିବା ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ନେଇ ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି ।

# ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଗସ୍ତ

ଜାତୀୟ ମାନବାଧିକାର ଆୟୋଗଙ୍କ ଅନୁସୂଚିତ ଜନଜାତି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଆର. ହେମନ୍ତ କୁମାର ଗତକାଲି ନୟାଗଡ ଜିଲ୍ଲା ଗସ୍ତ କରିଛନ୍ତି । ଦଶପଲ୍ଲା ବ୍ଲକ ପୋଖରୀଗଛା ଗ୍ରାମପଞ୍ଚାୟତର କଇଁଆଡିହ ଗ୍ରାମକୁ ପରିଦର୍ଶନରେ ଯାଇ ଶ୍ରୀ କୁମାର ଅନୁସୂଚିତ ଜନଜାତିଙ୍କ ପାଇଁ ରହିଥିବା କଲ୍ୟାଣକାରୀ ଯୋଜନାଗୁଡିକର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଛନ୍ତି ।

# ବନଜାତ ଔଷଧୀୟ ଉଭିଦ

କନ୍ଧମାଳରେ ଏକ ଜାତୀୟସ୍ତରୀୟ ବନଜାତ ଔଷଧୀୟ ଉଭିଦ ଗବେଷଣା ଓ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ସାଂସଦ ସୁକାନ୍ତ ପାଣିଗ୍ରାହୀ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ଏହି କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ସ୍ଥାନୀୟ ଯୁବବର୍ଗଙ୍କ ପାଇଁ ନୂତନ ନିଯୁକ୍ତି କ୍ଷେତ୍ର ସୃଷ୍ଟି ହେବା ସହ ଜଙ୍ଗଲ ସମ୍ପଦର ସ୍ଥାୟୀ ବ୍ୟବହାରକୁ ପ୍ରୋତ୍ସାହନ ମିଳିବ । ଆୟୁଷ କ୍ଷେତ୍ରକୁ ମଧ୍ୟ ଏହି ପଦକ୍ଷେପ ଅଧିକ ସଶକ୍ତ କରିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି ।

# ଓଡିଶା ଦିବସ-ପ୍ରସ୍ତୁତି ବୈଠକ

ଆସନ୍ତା ଓଡିଶା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗତକାଲି ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ନୂଆଦିଲ୍ଲୀ ସମେତ କୋଲକାତା, ମୁମ୍ବାଇ, ଚେନ୍ନାଇ, ଭୁବନେଶ୍ୱର ତଥା ଅନ୍ୟାନ୍ୟ ପ୍ରମୁଖ ସରକାରୀ କାର୍ଯ୍ୟାଳୟରେ ଏହି ଦିବସ ପାଳନ ନେଇ ପ୍ରସ୍ତୁତି ଉପରେ ମତ ବିନିମୟ ହୋଇଛି ।

# ଶ୍ରୀଜଗନ୍ନାଥ ଦର୍ଶନ

ଶ୍ରୀଜଗନ୍ନାଥ ଯୋଜନା ଅଧୀନରେ ଗତକାଲି ସୁବର୍ଣ୍ଣପୁର ଜିଲ୍ଲା ୭୪ଜଣ ବରିଷ୍ଠ ନାଗରିକ ପୁରୀକୁ ଯାତ୍ରା କରିଛନ୍ତି । ପୁରୀ ଜିଲ୍ଲା ପ୍ରଶାସନ ଓ

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସହଯୋଗରେ ସେମାନେ ଆଜି ଶ୍ରୀଜଗନ୍ନାଥ ଦର୍ଶନ ସାରି ସନ୍ଧ୍ୟାରେ ସୁବର୍ଣ୍ଣପୁର ପ୍ରତ୍ୟାବର୍ତ୍ତନ କରିବେ ।

# ହରିହାଟ ମୋହ ଉତ୍ସବ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଓରାସାହି ପଞ୍ଚାୟତ ଅନ୍ତର୍ଗତ କାଣ୍ଡଗରଡି ଗ୍ରାମରେ ତିନିଦିନ ଧରି ଚାଲିଥିବା ପାରମ୍ପରିକ ହରିହାଟ ମୋହ ଉତ୍ସବ ଗତକାଲି ଉଦ୍‌ଯାପିତ ହୋଇଛି । ଏହି ଅବସରରେ ନାମ ସଂକୀର୍ତ୍ତନ ଓ ଧର୍ମସଭା ଅନୁଷ୍ଠିତ ହୋଇଥିଲା ।

# ଜନଗଣନା-ପ୍ରସ୍ତୁତି ବୈଠକ

ରାଜ୍ୟରେ ଜନଗଣନା-୨୦୨୭କୁ ସୁବ୍ୟବସ୍ଥିତ ମାଧ୍ୟମରେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଏକ ପ୍ରସ୍ତୁତି ବୈଠକ ଗତକାଲି  ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଯୋଜନା ଓ ସଂଯୋଜନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧକ୍ଷତା କରିଥିଲେ । ଏହି ବୈଠକରେ ସବୁ ଜିଲ୍ଲାର ଜିଲ୍ଲାପାଳ ଏବଂ ମହାନଗର ନିଗମଗୁଡିକର କମିଶନର ତଥା ପ୍ରମୁଖ ଜନଗଣନା ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗଦେଇ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଜନଗଣନା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ ।

# ବନକଲାଗି ବେଶ

ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ପରେ ଏହି ନୀତି ଲାଗି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଗ୍ରୀଷ୍ମ ପାଇଁ ମାର୍ଗଦର୍ଶିକା

ଗ୍ରୀଷ୍ମ ଋତୁରେ ତାପମାତ୍ରା ବୃଦ୍ଧି ଓ ତତ୍‌ଜନିତ ପରିସ୍ଥିତିର ମୁକାବିଲା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି । ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣକୁ ନିଶ୍ଚିତ କରିବା ସହ ଯେକୌଣସି ଅଭିଯୋଗର ୨୪ଘଣ୍ଟା ମାଧ୍ୟମରେ ସମାଧାନକୁ ମାର୍ଗଦର୍ଶିକାରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ନଳକୂପଗୁଡିକର ମରାମତି, ନିର୍ଦ୍ଦିଷ୍ଟ ସମୟସୀମା ସୁଦ୍ଧା ଶେଷ କରିବା ସହିତ ସହରାଞ୍ଚଳ ପରିବେଶ ଉନ୍ନୀତ ସଂକ୍ରାନ୍ତ ସମସ୍ତ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରାଯିବାକୁ କୁହାଯାଇଛି ।